# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ; ବରଗଡ଼

## ଠିକା ପ୍ରସ୍ତାବ ଆହ୍ବାନ

**ବିଜ୍ଞପ୍ତି ସଂଖ୍ୟା-** ୧୨୦୪ **ତାରିଖ-** ୧୮-୭-୧୮

ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ବରଗଡ଼, ଅତାବିରା ଓ ଭଟଲି ବ୍ଲକ୍ ପାଇଁ ତିନି ଗୋଟି ଗାଡି (ଶୀତତାପ ନିୟନ୍ତ୍ରଣ ବିହିନ ବୋଲେରୋ/ଟାଟା ସୁମୋ/ମାର୍ଶାଲ) ନିୟୋଜନ ନିମନ୍ତେ ସୀକୃତି ପ୍ରାପ୍ତ ଟ୍ରାଭେଲ ସଂସ୍ଥା କିମ୍ବା ଇଚ୍ଛୁକ ଗାଡି ମାଲିକଙ୍କ ଠାରୁ ଜଉମୁଦ ଦିଆ ଠିକା ପ୍ରସ୍ତାବ ୨୦୧୮-୧୯ ବର୍ଷ ପାଇଁ ଆହ୍ବାନ କରାଯାଉଛି । ଉକ୍ତ ପ୍ରସ୍ତାବରେ ଗାଡିର ଲିଟର ପିଛା ଅତିକ୍ରମଣୀୟ ଦୂରତା ଓ ମାସିକିଆ ଭଡା ଉଲ୍ଲେଖ ଥିବା ଜରୁରୀ ଅଟେ ।

ନିମ୍ନୋକ୍ତ ନିୟମାବଳୀ ଅଧିନରେ ଉକ୍ତ ତିନୋଟି ଗାଡିର ଚୁକ୍ତି ଭିତ୍ତିକ ନିୟୋଜନ କାୟମ ହେବ ।

୧. ବାହନଟି ରାସ୍ତାରେ ଗଡିବା ଉପଯୋଗୀ ହୋଇଥିବ, ପଞ୍ଜିକୃତ ହୋଇଥିବା ଦିନରୁ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ବ ହୋଇନଥିବ, ବାହନର ବୈଧ ପଞ୍ଜିକରଣ ପ୍ରମାଣପତ୍ର, ଯୋଗ୍ୟତା, ଅଦ୍ୟାବଧି ବଳବତ୍ତର ଥିବ ଓ ଗାଡିର ବିଭିନ୍ନ ଟିକସ ବାବଦକୁ ଦେୟ ବକେୟା ନଥିବ ।

୨. ବାହନ ଚାଳକର ହାଲୁକା ଯାତ୍ରୀ ପରିବହନ ନିମନ୍ତେ ବୈଧ ଅନୁମତି ପ୍ରମାଣପତ୍ର ଥିବା ନିତାନ୍ତ ଆବଶ୍ୟକ ଓ ବାହନ ଚାଳକର ଦରମା ବାବଦକୁ ଖର୍ଚ୍ଚ ଗାଡି ମାଲିକ ବହନ କରିବେ ।

୩. ବାହନର ବିଭିନ୍ନ ଛୋଟ ଓ ବଡ ମରାମତି ଜନିତ ଖର୍ଚ୍ଚ ଗାଡି ମାଲିକ ବହନ କରିବେ ।

୪. ବାହନ ଚାଳକ ମଦ୍ୟପ ହୋଇନଥିବେ ତଥା ଭଦ୍ର ଓ ଆଜ୍ଞାଧିନ ହେବା ସହିତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଯେ କୌଣସି ଆବଶ୍ୟକ ସମୟରେ ଉପସ୍ଥିତ ହୋଇପାରୁଥିବେ ।

୫. ବାହନଟି ଉଦ୍ଧିଷ୍ଟ ଅଫିସ ପରିସରରେ ରଖାଯିବ ।

୬. କୌଣସି କାରଣରୁ ବାହନଟି ମରାମତି ପାଇଁ ଗଲେ କିମ୍ବା ବାହନ ଚାଳକ ଅନୁପସ୍ଥିତ ରହିଲେ ଗାଡି ମାଲିକ ବିକଳ୍ପ ବାହନ କିମ୍ବା ପଞ୍ଜିକୃତ ଚାଳକ ଯୋଗାଇବେ ।

୭. ବାହନଟି ସଫା ଓ ପରିଷ୍କାର ରଖାଯିବା ସହ ଆବଶ୍ୟକ ନାମ ଫଳକ ଓ ଚିଠା ପତ୍ର ଉପଯୁକ୍ତ ଭାବେ ଛପା ହୋଇଥିବା ଆବଶ୍ୟକ ।

୮. ବାହାରକୁ ଗସ୍ତ ସମୟରେ ରାତ୍ରୀ କାଳୀନ ଆଶ୍ରୟ ପାଇଁ ବାହନ କିମ୍ବା ବାହନ ଚାଳକଙ୍କ ବାବଦକୁ କୌଣସି ଅତିରିକ୍ତ ଦେୟ ଦିଆଯିବ ନାହିଁ ।

୯. ବାହନଟି ଧଳା କିମ୍ବା ରୌପ୍ୟ ଧୂସର ରଙ୍ଗର ହୋଇଥିଲେ ଅଗ୍ରାଧିକାର ଦିଆଯିବ ।

୧୦. ଲିଖିତ ସମାନ ମାସିକିଆ ଭଡା ପ୍ରସ୍ତାବ କ୍ଷେତ୍ରରେ ସ୍ଥାନୀୟ (ନିୟୋଜିତ ହେବାକୁ ଥିବା ବ୍ଲକ) ବାହନକୁ ଅଗ୍ରାଧିକାର ଦିଆଯିବ ।

୧୧. ଯଦି କୌଣସି କ୍ଷେତ୍ରରେ ଅନୁମୋଦିତ ବାହନ ମାଲିକ ଅଗ୍ରୀମ ଗସ୍ତ ସୂଚୀର ଲଗାତାର ଦୁଇ କିମ୍ବା ତତୋଧିକ ଦିନ ଖିଲାପ କରନ୍ତି, ଯେଉଁଥି ପାଇଁ କି ନିୟୋଜିତ ବ୍ଲକ୍ ରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ବ୍ୟାହତ ହୁଏ, ତେବେ ବାହନର ସମ୍ପୃକ୍ତ ମାସର ଭଡା ଦିଆ ନ ଯିବା ସହିତ ଗାଡି ମାଲିକ ଓ ନିମ୍ନୋକ୍ତ ସାକ୍ଷରକାରୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ରଦ୍ଦ ହେଲା ବୋଲି ଧରି ନିଆଯିବ ।

୧୨. ବାହନଟିରେ ତିନି ଜଣ ଯାତ୍ରୀଙ୍କ ବସିବା ସ୍ଥାନ ସହିତ ଆବଶ୍ୟକ ଔଷଧ, ଯନ୍ତ୍ରପାତି ଓ ଉପକରଣ ରଖିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ଥିବା ଆବଶ୍ୟକ ।

୧୩. ଗାଡି ମାଲିକ ବାହନ ପାଇଁ ଆବଶ୍ୟକ ଡିଜେଲ ମାସ ଶେଷ କିମ୍ବା ନିର୍ଦ୍ଦିଷ୍ଟ ଡିଜେଲ କିଣା ରସିଦର ପ୍ରତିପୂରଣ ପର୍ଯ୍ୟନ୍ତ ଯୋଗେଇବେ ।

୧୪. ବାହନକୁ ନିର୍ଦ୍ଦିଷ୍ଟ ବ୍ଲକ୍ ର ପ୍ରାଣୀ ସେବା କାର୍ଯ୍ୟରେ ନିଯୁକ୍ତ କରିବା ପୂର୍ବରୁ ଗାଡି ମାଲିକ ଓ ନିମ୍ନୋକ୍ତ ସାକ୍ଷରକାରୀଙ୍କ ମଧ୍ୟରେ ଏକ ଚୁକ୍ତିନାମା ସାକ୍ଷରିତ ହେବ ।

୧୫. ସଫଳ ଠିକା ପ୍ରସ୍ତାବକ ଚୁକ୍ତିନାମା ସାକ୍ଷରିତ ହେବା ପୂର୍ବରୁ ଟ.୫୦୦୦ଙ୍କା ର ବନ୍ଧକ ମୂଲ୍ୟ ନିମ୍ନୋକ୍ତ ସାକ୍ଷରକାରୀଙ୍କ ଠାରେ ଜମା ଦେବେ ।

ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ମାନି ମାସିକିଆ ଭଡା ଭିତ୍ତିରେ ନିଜ ଗାଡି ନିଯୁକ୍ତ କରିବାକୁ ଇଚ୍ଛୁକ ଗାଡି ମାଲିକ ବା ଭ୍ରମଣ ସଂସ୍ଥା ମାନେ ନିମ୍ନୋକ୍ତ ଆବେଦନ ପତ୍ରରେ ସମସ୍ତ ସଠିକ ବିବରଣୀ ପ୍ରଦାନ କରି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବରଗଡଙ୍କ ଠାରେ ଜଉମୁଦ ଦିଆ ଠିକା ପ୍ରସ୍ତାବ ତା.୨୬.୦୭.୨୦୧୮ ଦିନ ୧ ଘ. ସୁଦ୍ଧା ଦାଖଲ କରିବେ ଓ ସେହି ଦିନ ପୂର୍ବାହ୍ନ ୩ ଘ. ସମୟରେ ସମସ୍ତ ପ୍ରସ୍ତାବକଙ୍କ ସମ୍ମୁଖରେ ସଂଗୃହୀତ ଚିଠା ଖୋଲାଯିବ ।

ନିମ୍ନ ସାକ୍ଷରକାରୀ ଏହି ବିଜ୍ଞାପନ ଦ୍ଵାରା ଅନୁମୋଦିତ ଜଉମୁଦ ଦିଆ ଠିକା ପ୍ରସ୍ତାବକୁ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର କ୍ଷମତା ରଖିଛନ୍ତି ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବରଗଡ଼

ଜ୍ଞାପକ ସଂଖ୍ୟା...୧୨୦୬...                    ତାରିଖ...୧୯-୭-୧୮...

ଏହାର ଏକକିତା ନକଲ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ଅତାବିରା/ଭଟଲି ଓ ବରଗଡ଼ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବରଗଡ଼

ଜ୍ଞାପକ ସଂଖ୍ୟା...୧୨୦୭...                    ତାରିଖ...୧୯-୭-୧୮...

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ବରଗଡ଼ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବରଗଡ଼

ଜ୍ଞାପକ ସଂଖ୍ୟା...୧୨୦୮...                    ତାରିଖ...୧୯-୭-୧୮...

ଏହାର ଏକକିତା ନକଲ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ପଦ୍ମପୁରଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବରଗଡ଼

ଜ୍ଞାପକ ସଂଖ୍ୟା...୧୨୦୯...                    ତାରିଖ...୧୯-୭-୧୮...

ଏହାର ଏକକିତା ନକଲ ଜିଲ୍ଲାପାଳ, ବରଗଡ଼ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବରଗଡ଼

ଜ୍ଞାପକ ସଂଖ୍ୟା...୧୨୧୦...                    ତାରିଖ...୧୯-୭-୧୮...

ନିର୍ଦ୍ଦେଶକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବରଗଡ଼

ଜ୍ଞାପକ ସଂଖ୍ୟା...୧୨୧୧...                    ତାରିଖ...୧୯-୭-୧୮...

ସୂଚନା ଫଳକରେ ପ୍ରକାଶିତ ହେଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବରଗଡ